# କରୋନା ଭୁତାଣୁ ସଂକ୍ରମଣକୁ ପ୍ରତିରୋଧ କରିବା ନିମନ୍ତେ ଜିଲ୍ଲାର ଘରୋଇ କ୍ଲିନିକର କର୍ମକର୍ତ୍ତାଙ୍କ ସହ ଜିଲ୍ଲାପାଳଙ୍କ ଆଲୋଚନା -

## ପ୍ରତ୍ୟେକ କ୍ଲିନିକ୍‌ରେ ରହିବ କରୋନା କର୍ଣ୍ଣର ଓ ଅନ୍ତରଣ(Isolation) ଶଯ୍ୟା ।

ଅନୁଗୋଳ ୧୬.୦୩ :- କରୋନା ଭୁତାଣୁ ସଂକ୍ରମଣ ଏକ ଜାତୀୟ ବିପର୍ଯ୍ୟୟ ସୃଷ୍ଟି କରିଥିବାରୁ ଏହାର ସଠିକ୍ ମୁକାବିଲା ନିମନ୍ତେ ଆଜି ପୂର୍ବାହ୍ନରେ ଜିଲ୍ଲାପାଳ ଶ୍ରୀ ମନୋଜ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ତାଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ସାଂପ୍ରତିକ ପରିସ୍ଥିତିରେ ପୁରୀକୁ ଯାତ୍ରା ନ କରିବା ସହ ଜିଲ୍ଲାରେ ଥିବା ଜନଗହଳିପୂର୍ଣ୍ଣ ଧାର୍ମିକ ପୀଠ,ବସଷ୍ଟାଣ୍ଡ ଓ ରେଲୱେ ଷ୍ଟେସନକୁ ନ ଯିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି । ନିହାତି ଦରକାର ନ ପଡିଲେ ଘରୁ ବାହାର ଜନଗହଳିପୂର୍ଣ୍ଣ ସ୍ଥାନକୁ ଯିବାକୁ ସେ ଜନସାଧାରଣଙ୍କୁ ପରାମର୍ଶ ଦେଇଛନ୍ତି । ଅନୁଗୋଳରେ ଥିବା ପାର୍କ,ପାଠାଗାର ଓ ଜିମ୍ ବନ୍ଦ କରିବା ସହ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମରେ ନିର୍ବାହୀ ଅଧିକାରୀ ଓ ଗ୍ରାମାଂଚଳରେ ଗୋଷ୍ଠୀ ଉନ୍ନୟନ ଅଧିକାରୀମାନେ ଡାକବାଜି ଯନ୍ତ୍ର ସାହାଯ୍ୟରେ ଲୋକମାନଙ୍କୁ ସଚେତନ କରିବାକୁ କୁହାଯାଇଛି । ବୈଠକରେ ବିଭିନ୍ନ ଘରୋଇ କ୍ଲିନିକରୁ ଆସିଥିବା କର୍ମକର୍ତ୍ତାମାନେ ସେମାନଙ୍କ କ୍ଲିନିକ୍‌ରେ କରୋନା କର୍ଣ୍ଣର ଖୋଲିବା ସହ ସ୍ୱତନ୍ତ୍ର ଅନ୍ତରଣ (Isolation) ଶଯ୍ୟା ରଖିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି । କ୍ଲିନିକକୁ ଆସୁଥିବା ଥଣ୍ଡା,ସର୍ଦ୍ଦି ଓ ଛିଙ୍କରେ ଆକ୍ରାନ୍ତ ରୋଗୀଙ୍କୁ ସେମାନଙ୍କ ଯାତ୍ରା ବିବରଣୀ ଓ କେଉଁମାନଙ୍କ ସହ ମିଶିଛନ୍ତି ତାର ସବିଶେଷ ବିବରଣୀ ସଂଗ୍ରହ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି । କରୋନା ଭୁତାଣୁଥିବାର ସନ୍ଦେହ ହେଲେ ସେମାନଙ୍କୁ ଅନ୍ତରଣ (Isolation) ଶଯ୍ୟାରେ ରଖିବାକୁ ପରାମର୍ଶ ଦେଇଛନ୍ତି ଅନ୍ୟଥା ଯେଉଁମାନଙ୍କର କରୋନା ଆକ୍ରାନ୍ତର କୌଣସି ଲକ୍ଷଣ ନାହିଁ ସେମାନଙ୍କୁ ନିଜ ଘରେ(Quarantine) ପୃଥକ କୋଠରୀରେ ୧୪ ଦିନ ରହିବାକୁ ପରାମର୍ଶ ଦେଇଛନ୍ତି । କରୋନା ଆକ୍ରାନ୍ତଙ୍କୁ ଚିକିତ୍ସା କରୁଥିବା ଡାକ୍ତର ଓ ସେମାନଙ୍କର ସହଯୋଗୀମାନେ ଆବଶ୍ୟକ ସୁରକ୍ଷା ଉପକରଣ ବ୍ୟବହାର କରି ଚିକିତ୍ସା କରିବାକୁ ପରାମର୍ଶ ଦିଆଯାଇଛି । ଘରୋଇ ନର୍ସିଂ ହୋମ ଗୁଡିକରେ ଖୋଲା ହୋଇଥିବା କରୋନା କର୍ଣ୍ଣରରେ ୱାସ୍ ବେସିନ୍ ,ହ୍ୟାଣ୍ଡ ସାନିଟାଇଜର ଓ ମାସ୍କ ମହଜୁଦ ରଖିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି । କରୋନାର ସଠିକ୍ ମୁକାବିଲା କରିବା ନିମନ୍ତେ ରାଜ୍ୟ ସରକାରଙ୍କ ନିୟମାବଳୀକୁ କଡାକଡି ପାଳନ କରି ସଂକ୍ରମଣ ସଂଖ୍ୟାକୁ '୦'(ଶୁନ)ରେ ରଖିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି । କରୋନା ଭୁତାଣୁ ବା କୋଭାଡ-୧୯ର ପରିକ୍ଷା କୌଣସି ବେସରକାରୀ ଚିକିତ୍ସାଳୟରେ ହୋଇପାରିବ ନାହିଁ । ବିଭିନ୍ନ ଔଷଧ ଦୋକାନରେ କରୋନା ପ୍ରତିରୋଧକ ହ୍ୟାଣ୍ଡ ସାନିଟାଇଜର ଓ ମାସ୍କ ନିର୍ଦ୍ଧାରିତ ମୁଲ୍ୟ ଠାରୁ ଅଧିକ ମୂଲ୍ୟରେ ବିକ୍ରି ହେଉଥିଲେ ସମ୍ପୃକ୍ତ ତହସିଲଦାର,ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ପୌରପାଳିକାର ନିର୍ବାହୀ ଅଧିକାରୀମାନେ ସେମାନଙ୍କ

ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ । ସୁରେନ୍ଦ୍ର ହସପିଟାଲ,ଚନ୍ଦନ ନର୍ସିଂହୋମ, ସରୋଜିନି କ୍ଲିନିକ୍, ଏସ୍ ଏସ୍ ହସପିଟାଲ(ତାଳଚେର), ଜଗନ୍ନାଥ ହସପିଟାଲ(ବଅଁରପାଳ), କଲ୍ୟାଣୀ ନର୍ସିଂ ହୋମ,ଆରତି କେୟାର,କ୍ରିସ୍ (ଛେଣ୍ଡାପଦା), ସିଦ୍ଧାର୍ଥ ମାଟରନିଟି ହୋମ୍ (ତାଳଚେର), ଓମ୍ ସାଇ(ନାଲ୍‌କୋ) , ସି ଟି ହସପିଟାଲ (ତାଳଚେର), କ୍ରିଷ୍ଣା ହସପିଟାଲ (ତାଳଚେର) ଓ ସଂଜୟ୍ ନର୍ସିଂହୋମ (ତାଳଚେର)ର କର୍ମକର୍ତ୍ତାମାନେ ନିଜ ନିଜ କ୍ଲିନିକ୍‌ରେ ଆବଶ୍ୟକ ଶଯ୍ୟା, ଓ .ପି. ଡି ଓ କରୋନା କର୍ଣ୍ଣର ଖୋଲିବା ସମ୍ପର୍କରେ ଜିଲ୍ଲାପାଳଂକୁ ଅବଗତ କରିଥିଲେ । ପ୍ରତ୍ୟେକ ଦିନ ଏହି କ୍ଲିନିକ୍‌ଗୁଡିକ ଓ ପି ଡିରେ କେତେ ଜଣ ଜ୍ୱର,କାଶ,ଛିଙ୍କରେ ଆକ୍ରାନ୍ତ ରୋଗୀ ପଂଜିକରଣ କରୁଛନ୍ତି ତାର ତଥ୍ୟ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ୍‌କୁ ପ୍ରଦାନ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି । କରୋନାର ପ୍ରତିରୋଧ ନିମନ୍ତେ ସମ୍ମିଳିତ ଭାବେ ଏହାର ସଠିକ୍ ମୁକାବିଲା କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି । ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ତପନ କୁମାର ଶତପଥି, ଅନୁଗୋଳ ଉପଜିଲ୍ଲାପାଳ ଶ୍ରୀ ବାସୁଦେବ ଶତପଥି, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା.ପ୍ରତାପ କୁମାର ବେହେରା, ପି ସି ଆଣ୍ଡ ପି ଏନ୍ ଡି ଟିର ପିଏ ଶ୍ରୀ ପର୍ଶୁରାମ ପଣ୍ଡାଂକ ସମେତ ବିଭିନ୍ନ ଘରୋଇ କ୍ଲିନିକ ଗୁଡିକର କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ ।

ଅପରାହ୍ନରେ ଜିଲ୍ଲାପାଳଂକ ଅଧ୍ୟକ୍ଷତାରେ ଜିଲ୍ଲା କୋର୍ଟ ରୁମ୍ ଠାରେ ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜନ କରାଯାଇଥିଲା । ସାମ୍ପ୍ରତିକ ପରିସ୍ଥିତିରେ ସମସ୍ତେ ନିରବ ଓ ନିଶ୍ଚଳ ରହିବା ସହ ଧୈର୍ଯ୍ୟର ସହିତ କରୋନା ଭୂତାଣୁ ସଂକ୍ରମଣକୁ ମୁକାବିଲା କରିବାକୁ ପରାମର୍ଶ ଦେଇଥିଲେ । ଜିଲ୍ଲାରେ ଏହି ସଂକ୍ରମଣର ମୁକାବିଲା ନିମନ୍ତେ ପ୍ରତି ପଂଚାୟତର ଯେକୌଣସି ଏକ ଉଚ୍ଚ ବିଦ୍ୟାଳୟ୍‌ରେ ପୃଥକିକରଣ (Quarantine) ଗୃହରେ ଆବଶ୍ୟକ ଶୌଚାଳୟ୍,ବିଦ୍ୟୁତ୍ ସେବା,ପାନୀୟ୍ ଜଳ ଯୋଗାଣ ଓ ହାତଧୁଆ ଉପକରଣ ରଖାଯିବ । ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ୍‌ର ଜେରିଆଟ୍ରିକ୍ ୱାର୍ଡ ଓ ମା ଓ ଶିଶୁ ଚିକିତ୍ସାଳୟ୍‌ର ୬ ମହଲାରେ ଅନ୍ତରଣ (Isolation) ଶଯ୍ୟାର ବ୍ୟବସ୍ଥା କରାଯାଇଛି । ମେଳା ଓ ମହୋତ୍ସବଗୁଡିକୁ ବନ୍ଦ କରାଯିବା ସହ ଦୋଳ ମେଳଣ ଅନୁଷ୍ଠିତ ହେଉଥିବା ସ୍ଥାନରେ ୧୪୪ ଧାରା ଜାରି କରାଯାଇଛି । ଆବଶ୍ୟକ ହେଲେ ଜିଲ୍ଲାର ସମସ୍ତ ଅଂଚଳରେ ଏହି ୧୪୪ ଧାରା ଜାରି କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଛନ୍ତି । ସାମାଜିକ ଗଣମାଧ୍ୟମରେ ହେଉଥିବା ଅପ ପ୍ରଚାର ଓ ଗୁଜବ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଜିଲ୍ଲାରେ କରୋନା ସଂକ୍ରମଣ ସମ୍ପର୍କରେ ସବିଶେଷ ତଥ୍ୟ ପ୍ରଦାନ ନିମନ୍ତେ ନିୟ୍‌ମିତ ଭାବେ ଗଣମାଧ୍ୟମକୁ ସୂଚନା ପ୍ରଦାନ କରାଯିବାକୁ ଜିଲ୍ଲାପାଳ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀଂକୁ ପରାମର୍ଶ ଦେଇଛନ୍ତି । ଜିଲ୍ଲାରେ କରୋନା ସଂକ୍ରମଣର ସବିଶେଷ ତଥ୍ୟ ଉପଲବଧ କରାଇବା ନିମନ୍ତେ ଖୁବ୍ ଶିଘ୍ର ଏକ ଟୋଲ ଫ୍ରି ନମ୍ବର ଦିଆଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଛନ୍ତି । ଜିଲ୍ଲାରେ ଥିବା ସମସ୍ତ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭିତ୍ତିଭୂମିର ବିକାଶ ନିମନ୍ତେ ଆବଶ୍ୟକ ଉପକରଣ ଯୋଗାଇ ଦିଆଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ । ଏହି ରୋଗରେ ସଂକ୍ରମଣର ମାତ୍ରା ଅଧିକ ଓ ମୃତ୍ୟୁ ସଂଖ୍ୟାର ହାର କମ୍ ଥିବାରୁ ବ୍ୟାପକ ଜନସଚେତନତା ନିମନ୍ତେ

ଗ୍ରାମାଂଚଳରେ ଆଶା ଓ ଅଂଗନୱାଡି କର୍ମିମାନଂକ ଦ୍ୱାରା ପ୍ରଚାର ପତ୍ର ବଣ୍ଟାଯିବା ସହ ବିଭିନ୍ନ ଛକ ଯାଗା ଗୁଡିକରେ ହୋଡିଂ ମାଧ୍ୟମରେ ଲୋକମାନଂକୁ ସଚେତନ କରାଯିବ । ଏହି ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲାରେ ବିଭିନ୍ନ ବଜାର,ହାଟ ଓ ଆଂଚଳିକ ପରିବହନ ଅଧିକାରୀଂକ କାର୍ଯ୍ୟାଳୟରେ ଜନସାଧାରଣଂକ ଭିଡ ଜମୁଥିବା ସମ୍ପର୍କରେ ସାମ୍ବାଦିକମାନେ ଜିଲ୍ଲାପାଳଂକ ଦୃଷ୍ଟି ଆକର୍ଷଣ କରିଥିଲେ । ସରପଂଚ,ୱାର୍ଡ ମେମ୍ବର ଓ ପଂଚାୟତ ନିର୍ବାହୀ ଅଧିକାରୀମାନେ ଗ୍ରାମାଂଚଳକୁ ବାହାରୁ ଆସୁଥିବା ପର୍ଯ୍ୟଟକ ଓ ବିଦେଶରେ ରହି ଘରକୁ ଫେରୁଥିବା ଲୋକମାନଂକ ଉପରେ ସତର୍କ ଦୃଷ୍ଟି ରଖିବା ସହ ସେମାନଂକର ନାମ,ବୟସ,ଟେଲିଫୋନ୍ ନମ୍ବର,ସେମାନଂକର ଯାତ୍ରା କରିଥିବା ସବିଶେଷ ବିବରଣୀ ଓ କେଉଁମାନଂକ ସଂସ୍ପର୍ଶରେ ଆସିଛନ୍ତି ଏହାର ତଥ୍ୟ ଜିଲ୍ଲାପାଳଂକୁ ଜଣାଇବାକୁ କୁହାଯାଇଛି । ଏହି ରୋଗର ଯେହେତୁ କୌଣସି ଟୀକା କିମ୍ବା ଔଷଧ ବାହାରି ନାହିଁ କେବଳ ଜନସଚେତନତା ଓ ପ୍ରତିଶେଧକ ବ୍ୟବସ୍ଥା ଗ୍ରହଣ ସହ ଏହାକୁ ଆମେ ମୁକାବିଲା କରିପାରିବା ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ । ଆମ ରାଜ୍ୟରେ ପ୍ରଥମ କରୋନା ରୋଗୀ ଚିହ୍ନଟ ହେବା ପରେ ରାଜ୍ୟ ସରକାର ସବୁ ସ୍ତରରେ ବ୍ୟାପକ ପ୍ରତିଶେଧକ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ ଭାବେ କରିବାକୁ ପରାମର୍ଶ ଦେଇଛନ୍ତି । ସମସ୍ତ ସରକାରୀ କର୍ମଚାରୀମାନଂକର ଛୁଟି ଚଳିତ ମାସ ୩୧ ତାରିଖ ପର୍ଯ୍ୟନ୍ତ ବାତିଲ ହୋଇଛି । ବିନା ଅନୁମତିରେ କେହି ସଦର ମହକୁମା ଛାଡି ଯାଇପାରିବେ ନାହିଁ ବୋଲି ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଂକ ମଧ୍ୟରେ ଅନୁଗୋଳ ଉପଜିଲ୍ଲାପାଳ ଶ୍ରୀ ବାସୁଦେବ ଶତପଥି ଓ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶ୍ରୀ ଶରତ ଚନ୍ଦ୍ର ସେଠୀଂକ ସମେତ ଜିଲ୍ଲା ସ୍ତରୀୟ ଗଣମାଧ୍ୟମର ପ୍ରତିନିଧିମାନେ ଯୋଗ ଦେଇଥିଲେ ।


Succession List Of
District Magistrate & Collector
Angul(Odisha)


Succession List Of
trict Magistrate & Collectors
Angul(Odisha)
NAME
PERIOD
FROM
TO